# Akashvani, Sambalpur

# SAMBALPURI NEWS BULLETIN

## 26 July 2024- 6.47- 6.52 am.

**********************************************

ରାଜ୍ୟ ବଜେଟ୍             ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ୨ ଲାଖ୍ ୬୫ ହଜାର୍ କୋଟି ଟଙ୍କାର୍ ବାର୍ଷିକ ବଜେଟ୍ ଗଲାକାଏଲ୍ ବିଧାନ୍‌ସଭା ନ ଉପସ୍ଥାପନ୍ କରିଛନ୍ । ଇ ବଜେଟ୍‌ଥି ଅଭିବୃଦ୍ଧି, ବିକାଶ୍, ଭିତିଭୂମି ଉନ୍ନୟନ୍ ଆର୍ ପୁଞ୍ଜିନିବେଶ୍ ଉପ୍‌ରେ ଜୋର୍ ଦିଆଯାଇଛେ । ପ୍ରଶାସନିକ୍ ଖର୍ଚ୍ଚ ଲାଗି ୯୭ ହଜାର୍ ୭ ଶହ ୨୫ କୋଟି ଟଙ୍କା, ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଖର୍ଚ୍ଚା ଲାଗି ୧ ଲାଖ୍ ୫୫ ହଜାର୍ କୋଟି ଟଙ୍କା, ବିପର୍ଯ୍ୟୟ  ବିପଦ ପରିଚାଳନା ପାଣ୍ଠି ଲାଗି ୩ ହଜାର୍ ୯ ଶହ କୋଟି ଟଙ୍କା ଆର୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହସ୍ତାନ୍ତର୍ ଲାଗି ୮ ହଜାର୍ ୩ ଶହ ୭୫ କୋଟି ଟଙ୍କାର୍ ବଜେଟ୍ ବ୍ୟବସ୍ଥା କରାଯାଇଛେ । ଇ ବଜେଟ୍‌ଥି ଜଗନ୍ନାଥ ସଂସ୍କୃତିର ପ୍ରଚାର୍ ଆର୍ ପ୍ରସାର୍ ଲାଗି

କର୍ପସ୍ ପାଣ୍ଠି ବାବ୍‌ଦେ ୫ ଶହ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀ ଗସ୍ତଥି ଯିବେ । ନୂଆଦିଲ୍ଲୀ ନ ହେବାର୍‌କେ ଥିବା ନୀତି ଆୟୋଗ୍‌ର ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ସାମିଲ୍ ହେବେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ନୀତି ଆୟୋଗ୍‌ର ବୈଠକ୍ ହେବା । ଇ ବୈଠକ୍‌ଥି ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀମାନ୍‌କୁ ଭିଲ୍ ଭେଟ୍‌ବେ ବଲି ସୂଚ୍‌ନା ମିଲିଛେ ।

କାର୍‌ଗିଲ୍ ବିଜୟ ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ କାର୍‌ଗିଲ୍ ବିଜୟ ଦିବସ୍ । ୨୫ ବଛର୍ ଆଘୋନୁ ୧୯୯୯ ମସିହାଥି ଜାମ୍ମୁ କାଶ୍ମୀର୍‌ର କାର୍‌ଗିଲ୍ ସେକ୍ଟର୍ ନ ଭାରତୀୟ ସୈନିକ୍‌ମାନ୍‌କର୍ ବୀରତ୍ୱ ଆର୍ ଦେଶର୍ ବିଜୟ

ସହେତେ ଦେଶ୍ ଲାଗି ଜୀବନ୍ ଦେଇଥିବା ମହାନ୍ ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଭାରତ୍ -ପାକିସ୍ଥାନ୍ ସୀମା ନ ୬୦ ଦିନ୍‌ତକ୍ ଚାଲିଥିବା ଯୁଦ୍ଧ 'ଅପରେସନ୍ ବିଜୟ' ଥି ବିଜୟ ହେଇକରି ଭାରତୀୟ ସେନା ବାହିନୀ ଦେଶ୍ ଲାଗି ଗର୍ବ ଆର୍ ଗୌରବ୍ ଆନିଥିଲେ । କାର୍‌ଗିଲ୍ ଦିବସ୍ ଅବ୍‌ସରେ ଆଏଜ୍ ସାରା ଦେଶେ ଶହୀଦ୍ ଯବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇକରି ବିଶେଷ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ମେଲେରିଆ, ଡେଙ୍ଗୁ, ଡାଇରିଆ- ସ୍ୱାସ୍ଥ୍ୟବିଭାଗ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ତୃଣମୂଳସ୍ତର୍‌ଥି ମେଲେରିଆ, ଡେଙ୍ଗୁ ଆର୍ ଡାଇରିଆ ନିୟନ୍ତ୍ରଣ୍ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ୍ କର୍‌ବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ନିର୍ଦ୍ଦେଶ୍‌ଥି କୁହାଯାଇଛେ ଯେ, ଇ ସବୁ ରୋଗ୍‌ର ମୁକାବିଲା ଆର୍ ଚିକିତ୍ସାକେ ଭିନ୍ ଭିନ୍ ବିଭାଗ୍ ମିଶିକରି କେମ୍ପେନ୍ ମୋଡ୍‌ଥି ଅଗଷ୍ଟ ୧ ତାରିଖ୍‌ତକ୍ ଚାଲୁ ରଖିବେ ।

ଉଠାଜଲ୍‌ସେଚନ୍-ବିଜ୍‌ଲି ବିଲ୍- ଚାଷୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଉଠାଜଲ୍‌ସେଚନ୍ ଉପଭୋକ୍ତା କି ଚାଷୀ ମାନ୍‌କର୍ ଲାଗି ରାଜ୍ୟ ସର୍‌କାର୍ ବିଜ୍‌ଲି ବିଲ୍ ଦେୟ ଅବଧି ଥି କୋହଲ୍ କରିଛନ୍ । ଖରିଫ୍ ଋତୁଥି ଚାଷୀମାନ୍‌କର୍ ସ୍ୱାର୍ଥ ରକ୍ଷା ଲାଗି ଉଠାଜଲ୍‌ସେଚନ୍ ବାବଦ୍ ବିଜ୍‌ଲି ବିଲ୍ ଦେବାର୍ ସମିୟା ସୀମା ବଢ଼ାବାର୍‌କେ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବିଭାଗୀୟ ନିର୍ଦ୍ଦେଶକ ଆର୍ ବିତରଣ୍ କମ୍ପାନୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ । ଆଏବା ଦିନେ ସବୁ ଉଠାଜଲ୍‌ସେଚନ୍ ଉପଭୋକ୍ତାଙ୍କୁ ଫି' ମାସେ ସେମାନ୍‌କର୍ ବିଜ୍‌ଲି ବିଲ୍ ଦେବାର୍‌କେ ପରାମର୍ଶ ଦିଆଯାଇଛେ । ଇତାର୍‌ସହେତେ ବାକି ଥିବା ବିଜ୍‌ଲି ବିଲ୍ ଟଙ୍କା କିସ୍ତି ଜରିଏ ଚାଷୀମାନେ ଦେଇପାର୍‌ବେ । ୨୦୨୪ ମସିହା ଅଗଷ୍ଟ ମାସ୍‌ନୁ ୨୦୨୫ ମସିହା ମାର୍ଚ୍ଚ ମାସ୍ ଭିତ୍‌ରେ ସବୁନୁ ଅଏତ୍‌କା ୮ ଟା କିସ୍ତିଥି ବାକିଥିବା ଟଙ୍କା ଦେବାର୍‌କେ ଉପଭୋକ୍ତାମାନେ ସୁବିଧା ପାଇପାର୍‌ବେ ।

ବଢ଼ି ଥିତି- ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ

ଆର୍‌ଏନ୍‌ୟୁ /ସମ୍ବଲପୁର

ଜବର୍ ବର୍ଷା ବନ୍ୟା ପରିସ୍ଥିତିଥି ରେଲ୍ ଚଲାଚଲ୍‌କେ ସ୍ୱାଭାବିକ୍ କର୍‌ବାର୍ ଲାଗି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଛେ ବଲି ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ କହିଛନ୍ । ବର୍ଷା ସମିଆଥି ପୂର୍ବତଟ ରେଲ୍‌ପଥର କଂଟ୍ରୋଲ୍ ଅଫିସ୍ ୨୪ ଘଂଟା ଖୁଲାଯାଉଛେ । ଇ ଅଫିସ୍ ପାଣିପାଗ୍ ବିଭାଗ୍, ଜରୁରୀକାଳିନ କକ୍ଷ ଆର୍ ଜହ ବଏଢ୍ ହେଉଥିବା ଇଲାକା ନ କାମ୍ କରୁଥିବା କର୍ମଚାରୀମାନ୍‌କର୍ ସାଙ୍ଗେ ସମ୍ପର୍କଥି ରହିକରି ଥିତିର୍ ଅନୁଧ୍ୟାନ୍ କରାଯାଉଛେ ବଲି ମହାପ୍ରବନ୍ଧକ୍ କହିଛନ୍ । ସେନ୍ତା ବର୍ଷା ସମିଆଥି ରେଲ୍‌ଲାଇନ୍ ଉପ୍‌ରେ ସତର୍କ ନଜର୍ ରଖ୍‌ବାର୍‌କେ ଜଗୁଆଲୀ ରଖାଯାଇଛେ ।

ରାଜ୍ୟ ମାମ୍‌ଲା ନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ବହୁତ୍ ଦିନ୍ ହେଲା ପଡ଼ିରହିଥିବା ମାମ୍‌ଲାମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ‘ରାଜ୍ୟ ମାମ୍‌ଲା ନୀତି’ ତିୟାର୍ କରାଯାଇଛେ । ଇଟାକେ ଗଲା ବୁଧବାର୍ ଦିନ ହେଇଥିବା କେବିନେଟ୍ ବୈଠକ୍‌ଥି ଅନୁମୋଦନ୍ ମିଲିଛେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ସୂଚ୍‌ନା

ଦେଇଛନ୍ । ସେ ଆହୁରି କହିଛନ୍ ଯେ, କେବିନେଟ୍ ବୈଠକ୍ଥି ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪ ଆର୍ ୨୦୨୪-୨୫ ବଜେଟ୍କେ ଅନୁମୋଦନ୍ ମିଲିଛେ । ଇତାର୍ଛଡ଼ା ନୂଆଁକରି ନିଯୁକ୍ତି ପାଇଥିବା ଆଡ଼୍ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟଙ୍କର୍ ନିଯୁକ୍ତିକେ ଭିଲ୍ କେବିନେଟ୍ଥି ଗୃହିତ କରାଯାଇଛେ ବଲି ସେ କହିଛନ୍ ।

ସିଟି ପାଠ୍ୟକ୍ରମ୍ ନାଁଲେଖା ଆର୍ଏନ୍ୟୁ / ସମ୍ବଲପୁର

ଡିପ୍ଲୋମା ଏଲିମେଂଟାରୀ ଏଜୁକେସନ୍ - ଡି.ଇ.ଏଲ୍.ଇ.ଡି. କି ସିଟି ପାଠ୍ୟକ୍ରମ୍ ନାଁଲେଖା ଲାଗି ଆଏଜ୍ଠାନୁ ଆବେଦନ୍ ହେବା । ଇ ବାବ୍ଦେ ଶିକ୍ଷକ୍ ଶିକ୍ଷା ନିର୍ଦ୍ଦେଶାଳୟ ଆର୍ ରାଜ୍ୟ ଶିକ୍ଷା ଗବେଷଣା ଆର୍ ପ୍ରଶିକ୍ଷଣ ପରିଷଦ ତର୍ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍ସାରେ ଛାତ୍ରଛାତ୍ରୀମାନେ ସାମ୍ବ ୱେବ୍ସାଇଟ୍ଥି ଆଏଜ୍ ଦୁଇପହରର୍ ଅଢ଼େଇ ବଜେନୁ ନାଁଲେଖା ଲାଗି ଆବେଦନ୍ କରିପାର୍ବେ ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହିଥିବାର୍‌ନୁ ବର୍ଷା ଲାଗି ରହିଛେ । ସମ୍ବଲପୁର୍, ବର୍‌ଗଡ଼୍ ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ଆଏଜ୍ ଜବର୍ ବର୍ଷା ହେଇପାରେ । ସେନ୍ତା ନୂଆପଡ଼ା, ବଲାଙ୍ଗିର୍, ବୌଦ୍ଧ, ଦେବ୍‌ଗଡ଼୍ ଆର୍ ସୁବର୍ଣ୍ଣପୁର୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲା ନ କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ ।